# ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ବରଗଡ଼ (ଗ୍ରାମାଞ୍ଚଳ)
## ଜିଲ୍ଲା - ବରଗଡ଼

ବିଜ୍ଞାପନ ସଂଖ୍ୟା ୭୬୧ /ତାରିଖ ୨୪.୦୭.୨୦୨୪

ଏତଦଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସରକାର ଙ୍କ ନୂତନ ଆଦେଶନାମା ନଂ **WCD-ICDS-4-MISC-0033-2022 4970 WCD Date-15.03.2023** ଅନୁଯାୟୀ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ବରଗଡ଼ (ଗ୍ରାମାଞ୍ଚଳ) ଅଧିନରେ ଖାଲିଥିବା ଅଙ୍ଗନବାଡି କେନ୍ଦ୍ର ସହାୟିକା ପଦ ପୂରଣ ନିମନ୍ତେ ଇଛୁକ ମହିଳା ପ୍ରାର୍ଥିନୀ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।ନିମ୍ନରେ ଦିଆଯାଇଥିବା ସେବା ପରିସର ଅଞ୍ଚଳ ଘର ତାଲିକାଭୁକ୍ତ ଇଛୁକ ମହିଳା ପ୍ରାର୍ଥିନୀ ମାନେ ତାରିଖ **୨୬.୦୭.୨୦୨୫** ଠାରୁ ତାରିଖ **୦୯.୦୮.୨୦୨୫** ସୁଦ୍ଧା **onlinewebsite: http://engagement-awc.odisha.gov.in** ମାଧ୍ୟମରେ ଆବେଦନ ଦାଖଲ କରିପାରିବେ ।

| କ୍ରମିକ ନଂ | ଗ୍ରାମପଞ୍ଚାୟ ର ନାମ | ସହାୟିକା ପଦବୀ ପାଇଁ ଖାଲିଥିବା ଅଙ୍ଗନବାଡି କେନ୍ଦ୍ର ର ନାମ | ସେକ୍ଟର ର ନାମ | ସେବା ପରିସର ଅଞ୍ଚଳ |
|---|---|---|---|---|
| ୧ | ଖଣ୍ଡହତା | ଖଣ୍ଡହତା - ୧ | ଖଣ୍ଡହତା | ଘର ନଂ-୧ ଠାରୁ ଟଙ୍କଧର ସାହୁ<br>ଘର ନଂ - ୧୧୭ ଦିବାକର ନାଗ |
| ୨ | ଗୁଡେସିରା | ଗୁଡେସିରା-୧ | ପଥର୍ଲା | ଘର ନଂ-୧ ଖାରୁଆ ବାଗ ଠାରୁ<br>ଘର ନଂ- ୧୦୦ ଅକ୍ଷୟ କୁମାର ଦାଶ |

## ଯୋଗ୍ୟତା :-

(୧) ଇଛୁକ ମହିଳା ପ୍ରାର୍ଥିନୀମାନେ **Website: htpp:// engagement-awc.odisha.gov.in** ରେରେଜିଷ୍ଟ୍ରେସନ କରିବେ ଏବଂ Public login କରି (using Username & Password) ବ୍ୟବହାର କରି ନିର୍ଦ୍ଧାରିତ ତାରିଖ ତଥା ସମୟ ମଧ୍ୟରେ ଆବେଦନ କରିବେ ।

(୨) ପ୍ରାର୍ଥିନୀ ଦରଖାସ୍ତ ଆହ୍ୱାନ କରାଯାଇଥିବା କେନ୍ଦ୍ରର ସେବା ପରିସର ଅଞ୍ଚଳର ବାସିନ୍ଦା ହୋଇଥିବେ ଓ ସେ ଅଙ୍ଗନବାଡି କର୍ମୀଙ୍କ ଦ୍ୱାରା ଗ୍ରହଣୀୟ ହୋଇଥିବେ ।

(୩) ପ୍ରାର୍ଥିନୀଙ୍କ ବୟସ ଚଳିତ ବର୍ଷର ପ୍ରଥମ ଦିବସ (**୦୧.୦୧.୨୦୨୫** ) ସୁଦ୍ଧା ୧୮ ବର୍ଷରୁ କମ ଓ ୩୫ ବର୍ଷରୁ ଅଧିକ ହୋଇନଥିବା ଦରକାର।

**ଶିକ୍ଷାଗତ ଯୋଗ୍ୟତା:-**

(୪) ପ୍ରାର୍ଥିନୀଙ୍କର ଶିକ୍ଷାଗତ ଯୋଗ୍ୟତା ଅନ୍ୟୂନ +୨ ପାସ (12thStandard) ହୋଇଥିବ । ପରିକ୍ଷାରେ ଉତ୍ତୀର୍ଣ୍ଣ ହୋଇନଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

**ଭାଷାଗତ ଯୋଗ୍ୟତା:-**

(୫) ପ୍ରାର୍ଥିନୀଙ୍କ ଓଡ଼ିଆ ଭାଷାର ଜ୍ଞାନ ଥିବ ଅର୍ଥାତ ଓଡ଼ିଆରେ ସ୍ୱଷ୍ଟ ଭାବରେ ଲେଖି ଓ ପଢି ଜାଣିଥିବା ବାଧ୍ୟତାମୁଲକ ଅଟେ।

(୬) ଆବେଦନ ସମୟରେ ପ୍ରାର୍ଥିନୀ ଜାତିଗତ, ଶିକ୍ଷାଗତ ଓ ଆବାସିକ ପ୍ରମାଣ ପତ୍ର ଦାଖଲ କରିବା ଆବଶ୍ୟକ ଅଟେ ।

(୭) ଅନୁସୂଚିତ ଜାତି/ ଜନଜାତି / ସ୍ନାତକ ଶିକ୍ଷାଗତ ଯୋଗ୍ୟତା କିମ୍ବା ତଦୁର୍ଦ୍ଧ ପାସ / ଅନାଥ/ ବିଧବା/ ପୃଥକ ବାସ/ ପରିତ୍ୟକ୍ତା ପ୍ରାର୍ଥିନୀ ମାନଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ମାର୍କ ଦିଆଯାଇ ଅଗ୍ରାଧିକାର ଭିତ୍ତିରେ ଚୟନ କରାଯିବ ।

(୮) ଏହି ନିଯୁକ୍ତିରେ ଓଡିଶା ସରକାରଙ୍କ ଓ.ଆର.ଭି ଆଇନ ଲାଗୁ ହେବନାହିଁ । କିନ୍ତୁ ଯେଉଁ ଗ୍ରାମ ଅନୁସୂଚିତ ଜନଜାତି ଏବଂ ଅନୁସୁଚିତ ଜାତି ଅଧିକ ଜନସଂଖ୍ୟା ର ହୋଇଥିବ ସେହିଠାରେ ଉପରୋକ୍ତ ଗୋଷ୍ଠୀ ର ମହିଳା ବଛାଯାଇପାରେ ।

(୯) ଏହି ନିଯୁକ୍ତି ସମ୍ପୁର୍ଣ ଭାବରେ ଅସ୍ଥାୟୀ ତଥା ଅବୈତନିକ ଅଟେ ।ଭବିଷ୍ୟତରେ ପ୍ରାର୍ଥିନୀକୌଣସି ମତେ ଏହାର ସ୍ଥାୟିତ୍ୱ ତଥା ନିର୍ଦ୍ଦିଷ୍ଟ ବେତନ ଉପରେ ଦାବୀ କରିପାରିବେ ନାହିଁ ।

(୧୦) ପ୍ରାର୍ଥିନୀ ନିଶ୍ଚିତ ଭାବରେ ରୋଷେଇ ଜାଣିଥିବେ ଓ ଅଙ୍ଗନବାଡି କେନ୍ଦ୍ରରେ ଶିଶୁଙ୍କୁ ରନ୍ଧା ଖାଦ୍ୟ ପରିବେଷଣ ପାଇଁ ଆଗ୍ରହୀ ଥିବା ସଙ୍ଗେ ସଙ୍ଗେ ସେ ଅଙ୍ଗନବାଡି କେନ୍ଦ୍ର ର ଦୈନନ୍ଦିନ କାର୍ଯ୍ୟକ୍ରମ ଉପରେ ଅଙ୍ଗନବାଡି କର୍ମୀଙ୍କୁ ସାହାଯ୍ୟ କରିବାପାଇଁ ଆଗ୍ରହୀ ଥିବା ଦରକାର ।

(୧୧) ନିଯୁକ୍ତି ପରେ ପ୍ରାର୍ଥିନୀ ନିର୍ଦ୍ଦେଶିତ ତାଲିମ ନେବାପାଇଁ ବାଧ୍ୟ ଅଟନ୍ତି । ତାଲିମ ନେବାପାଇଁ ଅନିଚ୍ଛୁକ ପ୍ରାର୍ଥିନୀ ଙ୍କୁ ବହିଷ୍କାର କରାଯିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି ।

(୧୨) ଦରଖାସ୍ତ ଦାଖଲ ସମୟରେ ପ୍ରାର୍ଥିନୀତାଙ୍କର ମାଟ୍ରିକ ଠାରୁ ଆରମ୍ଭ କରି ସମସ୍ତ ଶିକ୍ଷାଗତ ଯୋଗ୍ୟତା ର ମୂଳ ପ୍ରମାଣପତ୍ର, ମାର୍କସିଟର ଉଭୟ ପଟର ପ୍ରମାଣ ପତ୍ର ,ଆବାସିକ ଓ ଜାତିଗତ ପ୍ରମାଣ ପତ୍ର ରେ ନିଜର ଦସ୍ତଖତ ସହିତ ଦାଖଲ କରିବେ ।

(୧୩) ତାରିଖ **<u>୧୧.୦୮.୨୦୨୫</u> <u>ପୂର୍ବାହ୍ନ</u> <u>୧୧.୦୦</u>** ଘଟିକା ଠାରୁ **ଅପରାହ୍ନ <u>୦୧.୩୦</u>** ଘଟିକା ମଧ୍ୟରେ ପ୍ରାର୍ଥିନୀ ଆବେଦନ କରିଥିବା ସମସ୍ତ ମୂଳ ପ୍ରମାଣପତ୍ର ସହିତ ଶିଶୁ ବିକାଶ ପ୍ରକଳ୍ପ ଯୋଜନା ଅଧିକାରୀ ଙ୍କ କାର୍ଯ୍ୟାଳୟ ବରଗଡ (ଗ୍ରାମାଞ୍ଚଳ) ଠାରେ ସାର୍ଟିଫିକେଟ ଯାଞ୍ଚ ନିମନ୍ତେ ଉପସ୍ଥିତ ରହିବା ହେବେ ।

(୧୪) ଅସମ୍ପୂର୍ଣ୍ଣ /ଅପ୍ରାସଙ୍ଗିକ ତଥ୍ୟ ଥିବା ଦରଖାସ୍ତ ନାକଚ କରାଯିବ ।

ଦ୍ରିଃ- ଅଧିକ ବିବରଣୀ ପାଇଁ କିମ୍ବା ସେବା (ସର୍ଭେ) ପରିସର ଅଞ୍ଚଳ ଜାଣିବା ପାଇଁ ଚାହୁଁଥିବା ପ୍ରାର୍ଥିନୀ ବର୍ତ୍ତମାନ କାର୍ଯ୍ୟ କରୁଥିବା ଅଙ୍ଗନବାଡି କେନ୍ଦ୍ରର କର୍ମୀ ଙ୍କ ସହିତ ଯୋଗାଯୋଗ କରି ପାରିବେ ।

ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
ବରଗଡ (ଗ୍ରାମାଞ୍ଚଳ)
Child Dev. Project Officer
Bargarh (Rural)

ପରିପତ୍ର ସଂଖ୍ୟା ୭୪୨ ତାରିଖ ୨୪/୦୭/୨୦୨୫

ଏହାର ତିନିକିତା/ଚାରିକିତା ନକଲ ଗ୍ରାମ ବାସୀଙ୍କ ଅବଗତି ଓ ବହୁଳ ପ୍ରସାର ନିମନ୍ତେ ଅଧିସୁଚନା ଜାରି କରାଗଲା ଏବଂ ଗ୍ରାମ ପଂଚାୟତ କାର୍ଯ୍ୟାଳୟରନୋଟିସ ବୋର୍ଡ ରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଅଧିସୁଚନା ଜାରି କରାଗଲା ।

ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
ବରଗଡ (ଗ୍ରାମାଞ୍ଚଳ)
Child Dev. Project Officer
Bargarh (Rural)

ପରିପତ୍ର ସଂଖ୍ୟା ୭୪୩ ତାରିଖ ୨୪/୦୭/୨୦୨୫

ଏହାର ଏକକିତା ନକଲ କାର୍ଯ୍ୟାଳୟର ନୋଟିସ ବୋର୍ଡ ରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଅଧିସୁଚନା ଜାରି କରାଗଲା ।

ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
ବରଗଡ (ଗ୍ରାମାଞ୍ଚଳ)
Child Dev. Project Officer
Bargarh (Rural)

ପରିପତ୍ର ସଂଖ୍ୟା ୭୪୪ ତାରିଖ ୨୪/୦୭/୨୦୨୫

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବରଗଡ କାର୍ଯ୍ୟାଳୟର ନୋଟିସ ବୋର୍ଡ/ଗୋଷ୍ଠୀ ଶିକ୍ଷା ଅଧିକାରୀ, ବରଗଡ କାର୍ଯ୍ୟାଳୟର ନୋଟିସ ବୋର୍ଡ/ ସମ୍ପୃକ୍ତ ଗ୍ରାମର ସ୍ୱାସ୍ଥ୍ୟ କର୍ମୀ ଓ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଅଧିସୁଚନା ଜାରି କରାଗଲା ।

ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
ବରଗଡ (ଗ୍ରାମାଞ୍ଚଳ)
Child Dev. Project Officer
Bargarh (Rural)